# ଉତ୍କଳର ଗରିମାମୟ ସ୍ମୃତି ବାଲିଯାତ୍ରା

କୈଳାସ ଚନ୍ଦ୍ର ଜେନା

ପୁଣ୍ୟଭୂମି ଉତ୍କଳର ଗୌରବୋଜ୍ଜ୍ୱଳ ସ୍ମୃତିକୁ ଗରିମାମୟ କରିଛି କଟକର ବାଲିଯାତ୍ରା । ଐତିହାସିକ ପୃଷ୍ଠାରୁ ପ୍ରତୀୟମାନ ହୁଏ ଯେ , ଭାରତମାତା ସୌର୍ଯ୍ୟ, ବୀର୍ଯ୍ୟ ଓ ବିଭବରେ ପରିପୂର୍ଣ୍ଣ ଥିଲା । ସେତେବେଳେ ଆମ କଳିଙ୍ଗ ବା ଉତ୍କଳ ରାଜ୍ୟ ଥିଲା ଦେଶର ମଉଡମଣି ସଦୃଶ୍ୟ । ରାଜ୍ୟ ତଥା ଦେଶକୁ ବିଭବଶାଳୀ କରିବାର ମୁଖ୍ୟ ଭୂମିକା ଥିଲା ନୌବାଣିଜ୍ୟ । କଳିଙ୍ଗ ତଥା ଉତ୍କଳର ନୌବାଣିଜ୍ୟର ପରମ୍ପରା ବିଶ୍ୱ ଦରବାରରେ ଅଗ୍ରଗଣ୍ୟ ଥିଲା । ଏବେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶରେ ଭାରତୀୟ ସଂସ୍କୃତି ଓ ପରମ୍ପରା ମୁଣ୍ଡଟେକି ଆହ୍ୱାନ କରୁଛି । ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ପ୍ରତ୍ୟେକ ଧର୍ମବିଶ୍ୱାସୀ ଭାରତୀୟ ଦେବାଦେବୀମାନଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ନୌବାଣିଜ୍ୟରୁ ସଂଗୃହିତ ଧନ ସଂପଦକୁ ନିଃସଂକୋଚରେ ମଠ, ମନ୍ଦିରମାନଙ୍କୁ ଦାନ କରିଥାନ୍ତି । ଏଣୁ ଭାରତର ବିଭିନ୍ନ ସ୍ଥାନରେ ଦେବାଦେବୀ ମନ୍ଦିରମାନଙ୍କରେ ଧନ ସଂପଦ ପୂର୍ଣ୍ଣ ବିକାଶ ପଥରେ ଅଗ୍ରଣୀ ଭୂମିକା ଗ୍ରହଣ କଲା– ଏହା ନିଃସନ୍ଦେହ । ତେଣୁ ବିଦେଶୀ ରାଷ୍ଟ୍ରମାନଙ୍କର ଲୋଲୁପ ଦୃଷ୍ଟି ପଡିଲା ଭାରତ ଉପରେ । ଐତିହାସିକ ପୃଷ୍ଠାରୁ ଜଣାଯାଏ ଯେ, ଯବନ ରାଜା ମାମୁଦ ୧୭ଥର ଭାରତ ଆକ୍ରମଣ କରିଥିଲେ । ସେହିଭଳି ମୋଗଲ ରାଜାମାନଙ୍କ ପରେ ଇଂରେଜମାନେ ବାଣିଜ୍ୟ କରିବାକୁ ଭାରତକୁ ଆସି କୌଶଳରେ ୨ଶହ ବର୍ଷରୁ ଅଧିକ କାଳ ନିଜ ଅଧୀନରେ ରଖି ଶାସନ କରିଥିଲେ । ତଥାପି ଭାରତ ତା'ର ନିଜସ୍ୱ ନ ହରାଇ ସୌର୍ଯ୍ୟ, ବୀର୍ଯ୍ୟ ଓ ବିଭବକୁ ବଜାୟ ରଖିପାରିଥିଲା । ସଂପ୍ରତି କର୍ପୂର ଉଡି ଯାଇଥିଲେ ମଧ୍ୟ କନା ପଡି ରହିଛି । ଓଡିଆ ପୁଅର ସାହସ ଧୈର୍ଯ୍ୟ, ବୀରତ୍ୱର ପରାକାଷ୍ଠା ବଜାୟ ରଖି ପାରିଛି ।

ସେସମୟରେ ସାଧବ ପୁଅମାନେ ଶୁଭ ଦିବସକୁ ପାଥେୟ କରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାଲ ଟଣା ବୋଇତରେ ସମ୍ବଲପୁରୀ ବସ୍ତ୍ର, କଟକର ତାରକସୀ କାରୁକାର୍ଯ୍ୟ, କାଠ ଓ ପଥର ଖୋଦେଇ ମୂର୍ତ୍ତି ବିଭିନ୍ନ ସୁଗନ୍ଧ ସାମଗ୍ରୀ ପ୍ରଭୃତି ଓଡିଆ ପୁଅର ଯାଦୁକାରୀ ହାତର ସ୍ପର୍ଶରେ ଜୀବନ୍ତ ହୋଇ ଉଠିଥିବା ସାମଗ୍ରୀଗୁଡିକର ବିଶ୍ୱ ଦରବାରରେ ବେଶ୍ ପ୍ରଶଂସିତ ହୋଇପାରିଥିଲା । ଯାହା ଫଳରେ କି ତାର ପ୍ରତିବଦଳରେ ସାଧବ ପୁଅମାନେ ନିଜ ରାଜ୍ୟକୁ ବୋହି ଆଣୁଥିଲେ ନୌକାରେ ବୋଝେଇ କରି ଅକଳନ୍ତି ଧନ ସଂପତ୍ତି । ହିନ୍ଦୁ ଧର୍ମର ଶାସ୍ତ୍ର ମତେ ବର୍ଷକର ବାରମାସରେ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବା ଆଦ୍ୟ ମାସ ଭାବେ ବିବେଚନା କରାଯାଇଛି । ଏହି ମାସରେ କାର୍ତ୍ତିକ ବ୍ରତ ପାଳନ ମୁଖ୍ୟ ଅଟେ ।

କାର୍ତ୍ତିକ ମାସକୁ ଦେବତା, ଋଷି ଓ ପିତୃପୁରୁଷମାନେ ଅତି ଆଦର କରିଥାନ୍ତି । ଏହି ମାସରେ ବ୍ରତ ପାଳନ କରି ମନୁଷ୍ୟ ମହା ପୁଣ୍ୟର ଅଧିକାରୀ ହୋଇଥାଏ । ଧର୍ମ ବିଶ୍ୱାସୀ ସାଧବ ବୋହୂମାନେ ମାସସାରା ବ୍ରତ ରଖି ଠାକୁର ମନାସୀ କାର୍ତ୍ତିକ ମାସ ଶେଷାର୍ଦ୍ଧ ତଥା ପୂର୍ଣ୍ଣମୀ ଦିନ ସାଧବ ପୁଅମାନଙ୍କୁ ନୌବାଣିଜ୍ୟ ପାଇଁ ମେଲାଣି ଦେଇ ନୌକାଯାତ୍ରାକୁ ସଫଳ କରିଥାନ୍ତି । ସେହି ସ୍ମୃତି ରକ୍ଷା ଲାଗି ଏବେ ମଧ୍ୟ ଓଡିଶାରେ ବାଲିଯାତ୍ରା ପାଳନ କରାଯାଉଅଛି । ଓଡିଶାର ପୁରାତନ ରାଜଧାନୀ କଟକ ସହରର ବାରବାଟୀ ଦୁର୍ଗ ନିକଟସ୍ଥ ଗଡଗଡିଆ ଘାଟଠାରେ ମହାନଦୀ ପଠାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ମହା ଆଡମ୍ବର ସହକାରେ ବାଲିଯାତ୍ରା ଉତ୍ସବ ପାଳନ କରାଯାଉଅଛି । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଓଡିଆ ଜାତିର ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଷରୁ ନଦୀ ବା ପୁଷ୍କରିଣୀରେ ସ୍ନାନ କରି ହାତ ତିଆରି ସୋଲ, କାଗଜ, କଦଳୀ ପଟୁକା ଡଙ୍ଗା ଭସାଇ ସ୍ମୃତି ଚାରଣ କରି ଉଲ୍ଲସିତ ମନରେ ଗାଇଥାନ୍ତି–

ଆ କା ମା ବୈ, ପାନ ଗୁଆ ଥୋଇ
ପାନ ଗୁଆ ତୋର, ମାସକ ଧରମ ମୋର ।

ଏହି ମାସମାନଙ୍କରେ ସାଧାରଣତଃ ପୁଣ୍ୟ ଅର୍ଜନ ପାଇଁ ମନାସ କରିଥାନ୍ତି । ବିଶ୍ୱାସ ଅଛି ଯେ, ପ୍ରତ୍ୟୁଷରୁ ସ୍ନାନ ସାରି ଦେବାଦେବୀ ଦର୍ଶନ କଲେ ସର୍ବପାପ ନାଶ ହୋଇଥାଏ । ଏହି ସଂପର୍କରେ କପିଳ ସଂହିତାର ଦ୍ୱିତୀୟ ଅନୁଚ୍ଛେଦରେ କୁହାଯାଇଛି–

ସର୍ବ ପାପ ହରମ୍ ଦେଶମ୍
କ୍ଷେତ୍ରମ୍ ଦେବୈ ସ୍ତୁ କଳ୍ପିତମ୍ ।

ପୌରାଣିକ ଅନୁଧ୍ୟାନରୁ ଜଣାଯାଏ ଯେ, ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଚାରିମାସ ଧର୍ମଦୃଷ୍ଟିରୁ ଶୁଭପ୍ରଦ ଓ ଦେବାଦେବୀଙ୍କ ଉପାସନା ପାଇଁ ଅନୁକୂଳ । ଏଣୁ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ଗଙ୍ଗାଦେବୀଙ୍କୁ ଅର୍ଘ୍ୟ ସ୍ୱରୁପ ତାମ୍ବୁଳ, ଅକ୍ଷତ ଓ ତିଳ ଅର୍ପଣ କରି ଦେବତାମାନଙ୍କଠାରୁ ପୁଣ୍ୟ କାମନା କରିଥାନ୍ତି । ଅନ୍ୟ ଏକ ଦୃଷ୍ଟିରୁ ଦେଖିଲେ ଏହି ଚାରି ମାସ ସୂର୍ଯ୍ୟଙ୍କର ଅୟନାନ୍ତ କାଳ, ସମ୍ଭବତଃ ଏହି ଅୟନାନ୍ତ ଦିବସମାନଙ୍କରେ ସୌରଦେବଙ୍କ ଉପାସନା କରାଯାଇଥାଏ ।

ନୌବାଣିଜ୍ୟ ସଂପର୍କରେ ଐତିହାସିକ ପୃଷ୍ଠାରୁ ଜଣାଯାଏ, ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଚୀନ ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢୌକନ ବିନିମୟ ହେଉଥିବା ଦନ୍ତ ବଂଶ, ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ରୋମ୍ ସାମ୍ରାଜ୍ୟ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ପ୍ରତିଷ୍ଠିତ ହୋଇଥିଲା । କଳିଙ୍ଗର ସୂକ୍ଷ୍ମ ବସ୍ତ୍ର, ସମ୍ବଲପୁରର ହୀରା ମଧ୍ୟ ସେଠାରେ ଆଦର ଲାଭ କରିଥିଲା । ସମ୍ରାଟ ଖାରବେଳଙ୍କ ରାଜତ୍ୱ କାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବାର ଜୟସ୍ୱାଲ ପ୍ରମାଣ କରିଛନ୍ତି । ବୌଦ୍ଧଜାତକରୁ ଦୃଷ୍ଟିଗୋଚର ହୁଏ ଯେ, ବ୍ରହ୍ମଦେଶର ଦୁଇ ବଣିକ ଭ୍ରାତା ତପୁସ ଓ ପାଲିକତ ବୁଦ୍ଧଦେବଙ୍କୁ ଉପହାର ଦେବାପାଇଁ ବୋଇତରେ ପାଞ୍ଚଶ ଶଗଡ ସାମଗ୍ରୀ ବୋଝେଇ କରି ମଗଧ ଯିବା ପଥରେ ବଙ୍ଗୋପସାଗର ଅତିକ୍ରାନ୍ତ ପୂର୍ବକ କଳିଙ୍ଗର ଆଡଜିତ ବନ୍ଦରରେ ଅବତରଣ କରିଥିଲେ । ଏହି ଆଡଜିତ ଓଡିଶାର ଉପକୂଳବର୍ତ୍ତୀ ପୋତାଶ୍ରୟ ଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ, ଦନ୍ତକୁମାରଙ୍କ ପବିତ୍ର ଦନ୍ତାବଶେଷକୁ କଳିଙ୍ଗର ପ୍ରାଚୀନ ଦନ୍ତପୁରଠାରୁ ସିଂହଳକୁ ନେଇ ସେଠାରେ ସ୍ଥାପନ କରାଯାଇଥିଲା । ଏଣୁ ସିଂହଳ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ଥିଲା । ଷ୍ଟର୍ଲିଂଙ୍କ ମତରେ ଏହି ଦନ୍ତପୁର ଗଞ୍ଜାମ ଜିଲ୍ଲାର ଫାଲୁ ବୋଲି କୁହାଯାଉଛି ।

ସେହିଭଳି ମେଘାସ୍ଥିନିସ୍‌ଙ୍କ ଭାରତ ବିବରଣୀରୁ ଜଣାଯାଏ ଯେ, ଖ୍ରୀଷ୍ଟପୂର୍ବ ଚତୁର୍ଥ ବା ପଞ୍ଚମ ଶତାବ୍ଦୀ ମଧ୍ୟଭାଗରେ ଲଙ୍କାଦ୍ୱୀପ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ଥିଲା । ହାତୀଗୁମ୍ଫା ଅନୁଶୀଳନୀରୁ ଜଣାଯାଏ ଯେ ସମ୍ରାଟ ଖାରବେଳ ପାଣ୍ଡ୍ୟ ରାଜାଙ୍କଠାରୁ ହାତୀ ଓ ବୋଇତ ଉପହାର ପାଇଥିବାର ପ୍ରମାଣ ରହିଛି । ସେହିଭଳି ବ୍ରହ୍ମଦେଶରେ ପ୍ରାଚୀନ ମୁଦ୍ରା ଓ ମୋହରରେ ଥିବା ହିନ୍ଦୁ ଧର୍ମ ଚିହ୍ନରୁ ହିନ୍ଦୁ ଉପନିବେଶରେ ଅବସ୍ଥିତି ସଂପର୍କରେ ସାର୍ ଏ.ପି. ଫାୟାରେ ପ୍ରମାଣ ଉପସ୍ଥାପନ କରିଛନ୍ତି ।

ମାଲୟେସିଆ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ଅତି ନିବିଡ ଥିଲା । ସେଠାକାର ଅଧିବାସୀ ଏବେ ମଧ୍ୟ ଭାରତୀୟମାନଙ୍କୁ କିଙ୍ଗ୍ ବୋଲି ସମ୍ବୋଧିତ କରିଥାନ୍ତି । କଳିଙ୍ଗ ଶବ୍ଦରୁ ଅପଭ୍ରଂଶ ହୋଇ କିଙ୍ଗ୍ ହୋଇଥିବା ଜଣାଯାଏ ।

ଓଡିଆ ସାଧବ ପୁଅମାନେ କାର୍ତ୍ତିକ ମାସରେ ବୋଇତ ଯାତ୍ରା କରି ଭାଦ୍ରବ ମାସରେ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଏହା ପ୍ରମାଣ କରିଛି ତଅପୋଇ ଓଷା ବା ଖୁଦୁରୁକୁଣୀ ଓଷା । ସେହିଭଳି ବାଲିଯାତ୍ରାର ନାମକରଣ ଶବ୍ଦରେ କେତେକ ତଥ୍ୟ ଉପସ୍ଥାପନ କରାଯାଇପାରେ । ମହାନଦୀର ତଟଦେଶରେ ଅର୍ଥାତ ମୁହାଣରେ ଥିବା ବୋଇତକୁ ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଚାଲି ଚାଲି ସାଧବ ପୁଅମାନେ ଯାଉଥିବାରୁ ବାଲିଯାତ୍ରା କୁହାଯାଇପାରେ, ଅନ୍ୟ ଏକ ତଥ୍ୟରୁ ଜଣାଯାଏ ଯେ, କାର୍ତ୍ତିକ ପୂର୍ଣ୍ଣିମାରେ ସାଧବପୁଅମାନେ ବାଲିଦ୍ୱୀପକୁ ଯାତ୍ରା କରିଥିବାରୁ ବାଲିଯାତ୍ରା କୁହାଯାଇଥାଇପାରେ । ଅନ୍ୟ ଏକ କାରଣ କାର୍ତ୍ତିକ ପୂର୍ଣ୍ଣମୀରେ ଭଗବାନ ଶ୍ରୀଚୈତନ୍ୟ ୧୫୦୯ ମସିହାରେ ଗଡଗଡିଆ ଘାଟଠାରେ ମହାନଦୀ ବାଲିରେ ଯାତ୍ରା ଆରମ୍ଭ କରିଥିଲେ, ସମ୍ଭବତଃ ଏହାକୁ ବାଲିଯାତ୍ରା କୁହାଯାଇ ଥାଇପାରେ । ଆଜିର ବାଲିଯାତ୍ରା ସେସମୟରେ ସାଧବ ପୁଅମାନଙ୍କର ସ୍ମୃତିଚାରଣ କରୁଛି । ହେ ବୀର ଓଡିଆ ପୁଅ ତୁମେ ଆଗେଇ ଆସ ବିଦେଶରେ ବାଣିଜ୍ୟ କରି ପୁଣି ଓଡିଶାକୁ ଧନ ସଂପଦରେ ପରିପୂର୍ଣ୍ଣ କରି ବିଭବଶାଳୀ ଓଡିଶାର ନାମକୁ ସାର୍ଥକ କର ।

ଅକ୍ଷୟ ହେଉ ପୁଣ୍ୟ ଜଗତେ, ଧର୍ମର ହେଉ ଜୟ ।

ଏଣୁ ଧର୍ମର ସବୁଦିନେ ଜିତାପଟ ରହିଛି, ରହିବ । ଧନକୁ ଆମେ ମାତା ଲକ୍ଷ୍ମୀର ସମ୍ମାନ ଦେଇଥାଉ । ଧର୍ମ ଓ ନ୍ୟାୟର ଦେଶ ଭାରତ ଓ ଓଡିଶା ମା'ଲକ୍ଷ୍ମୀ ଦେବୀଙ୍କ କୃପାଲାଭ କରି ବିଭବଶାଳୀ ହୋଇ ବିଶ୍ୱ ବିଖ୍ୟାତ ହେବ ବୋଲି ଆମମାନଙ୍କର କାମନା ହେଉ ।

ଗଜେନ୍ଦ୍ରପୁର
କଳାଶ୍ରୀ ଗୋପାଳପୁର, ଯାଜପୁର